بسم الله الرحمن الرحيم

# ୨୭ ଜୁନ୍ ୨୦୧୪ ଖୁତ୍‌ବାଃ ଜୁମାର ସାରାଂଶ

**ସ୍ଥାନ:- ମସଜିଦ ବୈତୁଲ୍ ଫୁତୁହ୍ ଲଣ୍ଡନ** **ସୌଜନ୍ୟ- ନଜାରତ ନଶରୋ ଇଶାଅତ୍ କାଦିୟାନ୍**

ତଶହହୁଦ ତା' ଉଜ୍ ଓ ସୁରା ଫାତିହା ଆବୃତ୍ତି କରି ସାରି ଆମ ଜମାଅତର ପଞ୍ଚମ ଖଲିଫା[ଅବ] କହିଲେ, ହଜରତ ମସିହ ମଉଦ[ଅସ] ନିଜକୁ ପ୍ରତିଶ୍ରୁତ ଅବତାର ରୂପେ ଦାବି ଘୋଷଣା କରିବା ପୂର୍ବରୁ ଓ ପରେ ତାଙ୍କ ପ୍ରତି ବହୁବାର ଏହି ଐଶ୍ୱରିକ ବାଣୀ ପ୍ରକଟିତ ହୋଇଥିଲା :

يَنْصُرُكَ رِجَالٌ نُوْحِىْ اِلَيْهِمْ مِنَ السَّمَآءِ

**ୟନ୍ ସୁରୁକା ରିଜାଲୁନ୍ ନୁହୀ ଇଲୈହୀମ୍ ମିନସ୍ ସମା'ଏ-** 'ଅର୍ଥାତ୍ ସେହି ବ୍ୟକ୍ତିମାନେ ତୁମକୁ ସାହାଯ୍ୟ କରିବେ, ଯାହାଙ୍କୁ ଆମ୍ଭେ ସ୍ୱର୍ଗୀୟ ବାଣୀ କରିବୁ' । ଏଥି ସହିତ 1907 ମସିହାରେ ପୁଣି ଏହିପରି ଦୈବିବାଣୀ ହୋଇଥିଲା :

يَأْتُوْنَ مِنْ كُلِّ فَجٍّ عَمِيْقٍ

**ୟାତୁନା ମିନ୍ କୁଲ୍ଲେ ଫଜ୍‌ଜିନ୍ ଅମୀକ୍:** ଅର୍ଥାତ୍ 'ସେମାନେ ଦୂର ଦୂରାନ୍ତରୁ ତୁମ ନିକଟକୁ ଆସିବେ'। ଏହି ଦିବ୍ୟବାଣୀଗୁଡିକ ବିଭିନ୍ନ ପରିସ୍ଥିତିରେ ବିଭିନ୍ନ ରୂପରେ ଆଜି ପର୍ଯ୍ୟନ୍ତ ଅତି ଗୌରବର ସହିତ ପୂରଣ ହେବାରେ ଲାଗିଛି । ତାଙ୍କ ଜୀବନ କାଳ ମଧ୍ୟରେ ବିଭିନ୍ନ ବ୍ୟକ୍ତି ବିଭିନ୍ନ ଅଞ୍ଚଳରୁ ତାଙ୍କ ନିକଟକୁ ଆସୁଥିଲେ ଏବଂ ତାଙ୍କ ଉତ୍ତାରେ ତାଙ୍କ ଦ୍ୱାରା ପ୍ରଚଳିତ ଖିଲାଫତ ବ୍ୟବସ୍ଥା ମାଧ୍ୟମରେ ଅନେକ ଧର୍ମପ୍ରାଣ ବ୍ୟକ୍ତି ଖଲିଫାମାନଙ୍କ ନିକଟକୁ ଆସୁଛନ୍ତି ଓ ସେମାନେ ସେହି ଖଲିଫାଙ୍କର ସହାୟକ ରୂପେ ଛିଡା ହେଉଛନ୍ତି । ସାହାଯ୍ୟକାରୀ ହେବା ପାଇଁ ଅଲ୍ଲାଃତାଲା କେବଳ ସେମାନଙ୍କ ହୃଦୟକୁ ଆକର୍ଷିତ କରୁନାହାନ୍ତି, ବରଂ ହଜରତ ମସିହ ମଉଦ[ଅସ]କୁ ସାହାଯ୍ୟ ସହଯୋଗର ହାତ ବଢାଇବା ସହିତ ଧର୍ମ ସେବାରେ ବ୍ରତୀ ହୋଇଛନ୍ତି । ଧର୍ମ ପ୍ରତିଷ୍ଠାର ଲକ୍ଷ୍ୟକୁ ସଂପୂର୍ଣ୍ଣ କରିବାରେ ସେମାନଙ୍କ ହୃଦୟ ବ୍ୟଥିତ ହୁଏ,ମନରେ ଉନ୍ମାଦନାର ଭାବ ଜାଗ୍ରତ ହୁଏ । ଏପରିକି ମସିହ ମଉଦ[ଅସ]ଙ୍କ ଆଗମନର ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ସେମାନେ ଆଜୀବନ ପ୍ରୟାସ କରିଥାନ୍ତି ।

ହଜୁର[ଅବ] କହିଲେ, 'ଆଜିର ଖୁତବାରେ ମୁଁ ସେହିପରି ଜଣେ ଉତ୍ସର୍ଗୀକୃତ ସେବକ ଓ ପୁଣ୍ୟାତ୍ମାଙ୍କ ସମ୍ବନ୍ଧରେ ବର୍ଣ୍ଣନା କରିବି, ଯିଏ ଆଫ୍ରିକାର ଏକ ଦେଶରୁ ଦୀର୍ଘ ପଥ ଯାତ୍ରାର କଷ୍ଟ ସ୍ୱୀକାର କରି ସୁଦୂର ପାକିସ୍ତାନସ୍ଥିତ ରବୱା ଧର୍ମକେନ୍ଦ୍ରକୁ ଧର୍ମଶିକ୍ଷା ଅର୍ଜନ କରିବା ପାଇଁ ଆସିଥିଲେ । ସେ ହେଉଛନ୍ତି, **ଶ୍ରୀଯୁକ୍ତ ଅବଦୁଲ୍ ୱହାବ ଆଦମ୍ ସାହେବ** । ଖିଲାଫତ୍‌ର ପରମ ଅନୁରକ୍ତ ଓ ସହାୟକ ହେବା ପାଇଁ ଆସିଥିଲେ ନିଜର ପ୍ରିୟ ଭିଟାମାଟି ଛାଡି । ନିଜର ସମସ୍ତ ଶକ୍ତି ଖଟାଇ ଅହମଦିୟତର ପ୍ରଚାର ଓ ପ୍ରସାର କାର୍ଯ୍ୟକୁ ପୂର୍ଣ୍ଣପ୍ରାଣରେ କାର୍ଯ୍ୟକାରୀ କରିବାର ସଂକଳ୍ପ ନେଇଥିଲେ । ଏପରି ସମୟରେ ଆସିଥିଲେ ଯେତେବେଳେ ରବୱାରେ ଜନବସତି ନୂତନ ଭାବେ ଗଢି ଉଠୁଥିଲା । ଆଫ୍ରିକା ସହିତ ଯୋଗାଯୋଗ ସ୍ଥାପନ କରିବା ପାଇଁ ମାସ ମାସ ସମୟ ଲାଗି ଯାଉଥିଲା । ସେ ଆମର ଅତି ପ୍ରିୟ ବୟୋଜ୍ୟେଷ୍ଠ ଭାଇ ତଥା ଜାଗ୍ରତ ସିପାହୀ ପରି ସର୍ବଦା ଖିଲାଫତ ପାଇଁ ପ୍ରାଣୋତ୍ସର୍ଗ କରିବାକୁ ତତ୍ପର,ସମୟର ଖଲିଫାଙ୍କ ପ୍ରତିଟି ନିଷ୍ପତ୍ତିକୁ ମନ ପ୍ରାଣ ଦେଇ ପାଳନ କରିବାକୁ ଆଗଭର ଓ ଛୋଟରୁ ଛୋଟ ଆଦେଶକୁ ମାନିବାକୁ ସେ ହେଉଥିଲେ ବ୍ୟାକୁଳ । ଘାନାରେ ମୋର ରହଣୀର 8 ବର୍ଷ ତାଙ୍କ ସହିତ କାମ କରିବା ଭିତରେ ସେତେବେଳର ଖଲିଫାଙ୍କ ସହିତ ତାଙ୍କର ଯେଉଁଭଳି ସଂପର୍କ ରହିଥିଲା, ଆଜି ମଧ୍ୟ ତାଙ୍କର ମୋ ପ୍ରତି ଆଜ୍ଞାବହ ଓ ବିଶ୍ୱସ୍ତ ହେବା ଠିକ୍ ସେହିଭଳି ଅତୁଟ ରହିଛି ।

ଯେପରି ଆପଣମାନେ ଜାଣିଛନ୍ତି ଯେ କିଛିଦିନ ତଳେ ୱହାବ ଆଦମ୍‌ଙ୍କର ଦେହାନ୍ତ ହୋଇଗଲା । **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରା' ଜେଉନ୍** । ଆମ ସଂପ୍ରଦାୟର ଏହି ସେବକ ବିଗତ ଅର୍ଦ୍ଧ ଶତାବ୍ଦୀ (ପଚାଶ ବର୍ଷ)ରୁ ଅଧିକ କାଳ ଧରି ସେବା କାର୍ଯ୍ୟରେ ନିୟୋଜିତ ଥିଲେ । ତାଙ୍କର ବ୍ୟକ୍ତିତ୍ୱ, ସେବାକାର୍ଯ୍ୟ ଓ ଗୁଣଗ୍ରାମ ଏତେ କମ୍ ସମୟ ମଧ୍ୟରେ ଏଠାରେ ବର୍ଣ୍ଣନା କରାଯାଇ ପାରିବ ନାହିଁ । ତେବେ ତାଙ୍କ ଜୀବନର କେତେକ ବିଶେଷ ଦିଗ ପ୍ରତି ସଂକ୍ଷେପରେ କହିବି ।

1952 ମସିହାରେ ଜାମିୟା ଅହମଦୀୟା-ରବୱାରେ ତାଙ୍କୁ ଶିକ୍ଷା ଲାଭ କରିବା ପାଇଁ ପଠାଯାଇଥିଲା । 1960ରେ ସେଠାରୁ ଶାହେଦ ଡିଗ୍ରୀ ହାସଲ କରି ସେ ଘାନାର ବିଭିନ୍ନ ସ୍ଥାନରେ ଆଞ୍ଚଳିକ ମିଶନାରୀ ଭାବେ ନିଯୁକ୍ତ ହେଲେ । ଜମାଅତର ପ୍ରଥମ ଆଞ୍ଚଳିକ ଶାଖା Brang Ahafo ଠାରେ ସେ 1969 ପର୍ଯ୍ୟନ୍ତ ମୋବଲିଗ୍ ରୂପେ ସେବା କଲେ । ଏହାପରେ ଘାନାର ସାଲଟ୍ ପୋନ୍‌ଠାରେ ଜାମିଅତୁଲ୍ ମୋବଶ୍‌ଶରୀନ୍ (ଅହମଦୀୟା ଧର୍ମୀୟ ଶିକ୍ଷାନୁଷ୍ଠାନ)ରେ ପ୍ରିନ୍‌ସପାଲ ହେଲେ ।

ଏହାପରେ 1971 ମସିହାରେ ମସଜିଦ ଫଜଲ ଲଣ୍ଡନର ନାଏବ ଇମାମ୍ ରୂପେ ଓ୍ୱହାବ ସାହେବଙ୍କୁ ନିଯୁକ୍ତ କରାଗଲା । ସେଠାରେ 1974 ମସିହା ପର୍ଯ୍ୟନ୍ତ ଏହି ଦାୟୀତ୍ୱ ତୁଲାଇବା ପରେ ସେ 1975 ମସିହା ଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ 39 ବର୍ଷ କାଳ ଘାନାରେ ଅମୀର ଓ ମିଶନାରୀ ଇନ୍‌ଚାର୍ଯ୍ୟ ହୋଇ କାର୍ଯ୍ୟ ନିର୍ବାହ କରି ଆସୁଥିଲେ ।

ସେ ରବଓ୍ୱାରେ ଥିବା ସମୟରେ ଘାନାର ରାଷ୍ଟ୍ରଦୂତ ରବଓ୍ୱା ବୁଲି ଆସିଥିଲେ । ସେତେବେଳେ ରବଓ୍ୱା ଏକ ଶୁଷ୍କ ମରୁଭୂମି ସଦୃଶ ବିସ୍ତୀର୍ଣ୍ଣ ପ୍ରାନ୍ତର ହୋଇ ରହିଥିଲା । ସେଠାରେ ରବଓ୍ୱା ସହର କିପରି ସ୍ଥାପିତ ହେଲା, ଲୋକମାନେ କିପରି ତ୍ୟାଗ ସ୍ୱୀକାର କଲେ,ଏହାର ଭୌଗଳିକ ସ୍ଥିତି ତଥା ଆଧ୍ୟାତ୍ମିକ ଅବସ୍ଥାରେ ପରିବର୍ତ୍ତନ ସଂପର୍କରେ ଓ୍ୱହାବ ସାହେବ ରାଷ୍ଟ୍ରଦୂତଙ୍କୁ ଏପରି ଢ଼ଙ୍ଗରେ ବର୍ଣ୍ଣନା କଲେ ଯେ ସେ କହିବାକୁ ଲାଗିଲେ, 'ଯଦି କୌଣସି ବ୍ୟକ୍ତିର ଈଶ୍ୱରଙ୍କ ଉପରେ ବିଶ୍ୱାସ ନାହିଁ ବା ଐଶି ପରାକ୍ରମ ପ୍ରତି ଆସ୍ଥା ନାହିଁ, ତା'ହେଲେ ସେ ଏହି ବିଷୟ ଶୁଣି ନିଶ୍ଚିତ ରୂପେ ଈଶ୍ୱରଙ୍କ ପରମ ସତ୍ତାଙ୍କ ପ୍ରତି ଦୃଢ ଆସ୍ଥା ପୋଷଣ କରିବ । ରବଓ୍ୱା ସହର ପ୍ରତିଷ୍ଠା ହେବା ଘଟଣା ଈଶ୍ୱରଙ୍କ ଅସ୍ତିତ୍ୱର ପରମ ନିଦର୍ଶନର ପ୍ରମାଣ, ଯାହା ଜଣେ ନାସ୍ତିକବାଦୀର ମାନସିକ ଚିନ୍ତାଧାରାକୁ ମଧ୍ୟ ବଦଳାଇ ଦେଇପାରେ ।

ସେ ଅନେକ କୃତୀତ୍ୱର ଅଧିକାରୀ ଥିଲେ । ଆଫ୍ରିକାର କେନ୍ଦ୍ରୀୟ ମିଶନାରୀ ଭାବେ ଓ୍ୱହାବ ସାହେବ ଥିଲେ ସର୍ବପ୍ରଥମ । ଘାନାର ଅମୀର ଓ ମିଶନାରୀ ଇନ୍‌ଚାର୍ଯ ହେବାରେ ସେ ସର୍ବପ୍ରଥମ । ଖଲିଫତୁଲ ମସିହଙ୍କ ପ୍ରତିନିଧିତ୍ୱ କରି ରବଓ୍ୱାର ସ୍ଥାନୀୟ ଅମୀର ପଦବୀ ଗ୍ରହଣ କରିବାରେ ଆଫ୍ରିକୀୟ ଅହମଦୀମାନଙ୍କ ମଧ୍ୟରେ ସେ ସର୍ବପ୍ରଥମ । ୟୁରୋପରେ ଯାଇ ସେବା କରିବାର ସୁଯୋଗ ହାସଲ କରିଥିବା କେନ୍ଦ୍ରୀୟ ମିଶନାରୀ ଭାବରେ ସେ ଥିଲେ ପ୍ରଥମ ଆଫ୍ରିକୀୟ । ଆଇନ ପରାମର୍ଶଦାତା ପରିଷଦର ସମ୍ମାନିତ ସଦସ୍ୟ ରୂପେ ସେ ଥିଲେ ପ୍ରଥମ ଆଫ୍ରିକୀୟ । ସେ କେନ୍ଦ୍ରୀୟ ପ୍ରତିନିଧି ରୂପେ କାନାଡା, ଜର୍ମାନୀ, ବେଲିୟନ୍, ମାଲି, ଆଇଭରି କୋଷ୍ଟ, ନାଇଜେରିଆ, ବୋର୍କିନାଫାସୋ, ଲାଇବେରିଆ ତଥା ଜାମାଇକା ପ୍ରଭୃତି ବିଭିନ୍ନ ଦେଶ ଗସ୍ତ କରିଥିଲେ । ଇସଲାମରେ ବର୍ଣ୍ଣ ଓ ବଂଶରେ ସମନ୍ୱୟ ରକ୍ଷାର ଶିକ୍ଷା ତଥା ଖ୍ରୀଷ୍ଟଧର୍ମ ଓ ଇସଲାମ ଧର୍ମ ସମ୍ବନ୍ଧରେ ବହୁ ଗବେଷଣାତ୍ମକ ସନ୍ଦର୍ଭ ଲେଖିବାର ତାଙ୍କୁ ଅବକାଶ ମିଳିଥିଲା । ଅଭାବଗ୍ରସ୍ତ ଲୋକଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ନିଜ ମାତାଙ୍କ ନାମରେ ଏକ ଫାଉଣ୍ଡେସନ ପ୍ରତିଷ୍ଠା କରିଥିଲେ । ତାଙ୍କ ଅମାରତ୍ କାର୍ଯ୍ୟକାଳରେ ଅଲ୍ଲାଃଙ୍କ କୃପାରୁ ଘାନାରେ ବହୁତ ଉନ୍ନତି ସାଧିତ ହୋଇଥିଲା । ଅନେକ ଶିକ୍ଷାନୁଷ୍ଠାନ ନୂତନ ଭାବେ ଖୋଲିଲା ଓ ଅନ୍ୟ କେତେକ ବିଦ୍ୟାଳୟକୁ ସଂପ୍ରସାରଣ କରାଯାଇଥିଲା । ତାଙ୍କ ଅମଳରେ ପ୍ରତିଷ୍ଠା କରାଯାଇଥିବା ଜମାଅତର 400ଟି ସ୍କୁଲ୍ ବ୍ୟତୀତ ଟିଚର୍ ଟ୍ରେନିଂ କଲେଜ, ଜାମିୟତୁଲ୍ ମୋବଶଶେରୀନ୍, ଜାମିୟା ଅହମଦୀୟା ଇଣ୍ଟରନେସନାଲ ଇତ୍ୟାଦି ଉଲ୍ଲେଖଯୋଗ୍ୟ । ସେହିପରି ଘାନାରେ 7ଟି ବଡ ହସପିଟାଲ୍, 2ଟି ହୋମିଓପାଥିକ କ୍ଲିନିକ୍ ଇତ୍ୟାଦି ସ୍ୱାସ୍ଥ୍ୟ ସେବା ପାଇଁ ଅହରହ କାର୍ଯ୍ୟ କରୁଛନ୍ତି । ଇଲେକ୍‌ଟ୍ରୋନିକ ଓ ପ୍ରିଣ୍ଟ ମିଡିଆରେ ଜମାଅତକୁ ଅସାଧାରଣ ସଫଳତା ମିଳିଛି । ତାଙ୍କ ଚେଷ୍ଟାରେ ଘାନାର ଦୁଇଟି ପ୍ରସିଦ୍ଧ ରାଜମାର୍ଗର ସଂଯୁକ୍ତ ସ୍ଥାନରେ ହଜରତ ମସିହ ମଉଦ ଙ୍କ ବୃହତ ଫଟୋ ଲଗାଯାଇଛି, ଯାହା ଯିବା ଆସିବା କରୁଥିବା ପ୍ରତ୍ୟେକ ଲୋକଙ୍କ ଦୃଷ୍ଟିରେ ପଡୁଛି । ଫଟୋ ତଳେ ଏହିପରି ଲେଖାଯାଇଛି, **'ଯେଉଁ ମସିହଙ୍କର ଆସିବାର ଥିଲା ଯେ ହେଉଛନ୍ତି ସେହି ପ୍ରତୀକ୍ଷିତ ମସିହ'** । ପ୍ରଚାର ଓ ପ୍ରସାରର ଉନ୍ମୁକ୍ତ ମାଧ୍ୟମ ଏହାଠାରୁ ବଳି ଆଉ କ'ଣ ହୋଇପାରେ ?

ତାଙ୍କୁ ମିଳିଥିବା ସାଂସାରିକ ଉପାଧିଗୁଡିକ ମଧ୍ୟରେ କୋରିଆରେ Inter Religious ଏବଂ International Federartion for World Peace, ଆମେରିକା ପକ୍ଷରୁ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ Ambassador for Peace ଉପାଧିରେ ଭୂଷିତ କରାଯାଇଥିଲା । ସେହିପରି ଘାନା ସରକାରଙ୍କ ତରଫରୁ ଘାନାର ଅମୀର ସାହେବଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ଶାନ୍ତି, ପ୍ରଗତି ଓ ସଂହତିରେ ସହଯୋଗ ପାଇଁ ଏକ ରାଷ୍ଟ୍ରୀୟ ସମ୍ମାନ-'Companion of the order of the Volta' ଅର୍ପଣ କରାଯାଇଛି । ଏହିପରି ଅନେକ ରାଷ୍ଟ୍ରୀୟ ସେବା ପୁରସ୍କାରରେ ସମ୍ମାନିତ ଓ୍ୱହାବ ସାହେବ 10 ନଭେମ୍ବର-2007ରେ ନିଜର କାର୍ଯ୍ୟ ଦକ୍ଷତା ପାଇଁ University of Cape Kastne ବିଶ୍ୱବିଦ୍ୟାଳୟରୁ Ph.D. ଲାଭ କରିଥିଲେ ।

ଯଦି ଜଣେ ପୁଣ୍ୟ ଭାବନା ନେଇ ଉତ୍ସର୍ଗୀକୃତ ସେବା କରିବାରେ ନିଜ ଜୀବନକୁ ସମର୍ପିତ କରିଦେବ, ତା'ହେଲେ କେବଳ ଧାର୍ମିକ କ୍ଷେତ୍ରରେ ନୁହେଁ, ସେ ସାଂସାରିକ କ୍ଷେତ୍ରରେ ମଧ୍ୟ ବଡ ବଡ ଖ୍ୟାତି ଅର୍ଜନ କରିପାରିବ । ତେଣୁ ଯଦି ସେ ନିଜ ଜୀବନକୁ ଅଲ୍ଲାଃଙ୍କ ମାର୍ଗରେ ଉତ୍ସର୍ଗ କରି ନ ଥାନ୍ତେ, ବରଂ ଅନ୍ୟ କୌଣସି କାର୍ଯ୍ୟରେ ଲିପ୍ତ ରହିଥାନ୍ତେ, ତାଙ୍କର ପରିଚୟ କେହି ଜାଣି ନ ଥାନ୍ତେ । ଏକ ଅଲୋଡା, ଅନାମଧେୟ ବ୍ୟକ୍ତି ପରି ସମାଜରେ ପରିଗଣିତ ହୋଇ ରହି ଯାଇଥାନ୍ତେ ।

ପୁନଶ୍ଚ ଆନ୍ତର୍ଜାତିକ ସ୍ତରରେ ମଧ୍ୟ ସେ ଅନେକ ପଦ ପଦବୀରେ ରହିଥିଲେ । ଘାନାର Centre for Democratic Development (CDD)ର ସଦସ୍ୟ, Ghana Integrity Initiativeର Vice-Chairman, National Peace Councilର ମଧ୍ୟ ସକ୍ରୀୟ ସଦସ୍ୟ ଥିଲେ । ରାଜନୈତିକ କ୍ଷେତ୍ରରେ ସମସ୍ତ ସରକାରଙ୍କୁ ଏକତ୍ରୀତ କରି ଶାନ୍ତିରେ ଦେଶକୁ ଚଳାଇବା କ୍ଷେତ୍ରରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଥିଲା । ସେ Co-Founder ତଥା National President for Council of Religion ପଦରେ ରହି ବିଭିନ୍ନ ଧର୍ମର ପ୍ରତିନିଧି ମଣ୍ଡଳୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରୁଥିଲେ । ଏଥିପୂର୍ବରୁ ସେ National Reconciliation Commissionର ସଦସ୍ୟ ମଧ୍ୟ ରହିଥିଲେ ।

ଘାନାର ଉପରାଷ୍ଟ୍ରପତି A.C. Biku Arther କୁହନ୍ତି ଯେ ସେ ଆମ ଜାତିର ଏକ ମହାନ ଗୌରବଶାଳୀ ବ୍ୟକ୍ତି ଥିଲେ । ତାଙ୍କର ଦେହାବସାନ ଯୋଗୁଁ ଅହମଦୀୟା ମୁସଲିମ ମିଶନ ସହିତ ଆମେ ସମଭାବରେ ଦୁଃଖିତ ଓ ଗଭୀର ମର୍ମାହତ । ଏ ଦେଶରେ ଶାନ୍ତି ଓ ସହାବସ୍ଥାନର ପରିବେଶ ସୃଷ୍ଟି କରିବା ପାଇଁ ମୌଲବୀ ଓ୍ୱହାବ ସାହେବ ଯେଉଁ ଉଦ୍ୟମ କରିଯାଇଛନ୍ତି, ଆମେ ତାହା ମନେ ରଖିବୁ । ତାଙ୍କ ନେତୃତ୍ୱରେ ଅହମଦୀୟା ମୁସଲିମ ମିଶନ ଶିକ୍ଷାର ପ୍ରସାର ପାଇଁ ଯେଉଁସବୁ ଯୋଜନାକୁ କାର୍ଯ୍ୟକାରୀ କରୁଛନ୍ତି, ତାହା କଦାପି ଭୁଲି ହେବ ନାହିଁ । ଆମେମାନେ ଏହି ଧାର୍ମିକ ନେତା ତଥା ପ୍ରବୀଣ ବିଦ୍ୱାନଙ୍କୁ ଗଭୀର ଦୁଃଖର ସହିତ ବିଦାୟ ଦେଉଛୁ ଏବଂ ପ୍ରାର୍ଥନା କରୁଛୁ ଯେ ଶାନ୍ତିର ପ୍ରତିଷ୍ଠା ପାଇଁ ତାଙ୍କର ପ୍ରଚେଷ୍ଟା ଆମ ଦେଶରେ ସ୍ଥାୟୀ ରୂପେ ବଜାୟ ରହୁ ।

ସେହିପରି ଘାନାର ପୂର୍ବତନ ରାଷ୍ଟ୍ରପତି John Agyekum Kufuor ସାହେବ କୁହନ୍ତି, 'ସେ ଜଣେ ବହୁତ ବଡ ପ୍ରତିଭାଶାଳୀ ଧାର୍ମିକ ଓ ଜାତୀୟ ନେତା ଥିଲେ' । ପୁଣି ଜଣେ ମନ୍ତ୍ରୀ ରହିଥିବା ସାଂସଦ ଡା. ମୁସ୍ତଫା ଅହମଦ୍ କହନ୍ତି, 'ଘାନା ନିଜର ଏକ ସୁଯୋଗ୍ୟ ସନ୍ତାନକୁ ହରାଇଲା । ଆମ ଜାତିର ଉନ୍ନତି ଓ ସଫଳତା କ୍ଷେତ୍ରରେ ତାଙ୍କର ମହାନ ସେବାମୂଳକ କାର୍ଯ୍ୟ ଯୋଗୁଁ ଆମେ ଗର୍ବିତ । ତାଙ୍କୁ ଆମେ ଅବଶ୍ୟ ମନେ ରଖିବୁ' ।

ଆକ୍ରାର କ୍ୟାଥୋଲିକ ଆର୍ଚ୍ଚ ବିଶପ Charles G. Palmer Buckle କୁହନ୍ତି, ମାନବ ସେବାର ସେ ଏକ ଅକ୍ଳାନ୍ତ ସେବକ ତଥା ଅବିରତ ସାଧନାର ପ୍ରତୀକ ଥିଲେ । ଶାନ୍ତିଦୂତ ହୋଇ ଈଶ୍ୱରଙ୍କ ପ୍ରେମକୁ ବିତରଣ କରୁଥିଲେ । ସେ ଉଚ୍ଚାସନରେ ଅଧିଷ୍ଠିତ ହୋଇ କାର୍ଯ୍ୟ କରୁଥିବା ଜଣେ ମାନବ ପ୍ରେମୀ ସ୍ନେହି ପୁରୁଷ, ଯାହାଙ୍କୁ ସର୍ବଦା ଜୀବିତ ରଖାଯିବ ।

ପୁଣି Methodistର ସଭାପତି ବିଶପ Most Rev. Prof Emmanuel Asante ଯେ କି Natioanl Peace Conference ର ଚେୟାରମାନ ଅଛନ୍ତି ସେ ଲେଖିଛନ୍ତି, 'ଜଣେ ଶକ୍ତିଶାଳୀ ଦେଶପ୍ରେମୀ ତଥା ଏକତା ରକ୍ଷାକାରୀ ସାଧକ ଅଚାନକ ପ୍ରଭୁଙ୍କ ନିକଟକୁ ଚାଲିଗଲା । ଶାନ୍ତିରକ୍ଷା ପାଇଁ ତାଙ୍କର ନୀତିକୁ NPC ସର୍ବଦା ମନେ ରଖିବ' । ବୈଦେଶିକ ମନ୍ତ୍ରଣାଳୟର ପ୍ରତିନିଧି ହାଜି ମହମ୍ମଦ ଗାଡୁ ସାହେବ ଯେ କି ଘାନାର ଶାନ୍ତି ସ୍ଥାପନକାରୀ ପରିଷଦ Governing Council ର Vice-Chairman ଅଛନ୍ତି ସେ କହିଲେ, 'ଘାନା ମୁସଲିମ ସଂପ୍ରଦାୟର ଏକ ପ୍ରଧାନ ସହାୟକ ସ୍ତମ୍ଭଙ୍କୁ ଆମେ ହରାଇ ବସିଲୁ । ସେ ବିଭିନ୍ନ ଧର୍ମ ମଧ୍ୟରେ ସମ୍ପର୍କର ସେତୁ ସ୍ଥାପନ କଲେ । ସେ ନିଜ ଜୀବନର ବୃହତ ଭାଗ ମାନବ ସେବାରେ ନିୟୋଜିତ କଲେ ଓ ମାନବିକତାର ମୂଲ୍ୟବୋଧ ପ୍ରତିଷ୍ଠା କଲେ' ।

ତାଙ୍କ ପୁତ୍ର ହସନ୍ ଓ୍ୱହାବ କହନ୍ତି, 'ଖିଲାଫତ୍ ଅହମଦୀୟାର ପରମ ବିଶ୍ୱସ୍ତ ଭାବରେ ତାଙ୍କ ପିତା ଆଜୀବନ କାର୍ଯ୍ୟ କରୁଥିଲେ । ଏପରିକି ଅତି ଛୋଟ କଥାରେ ମଧ୍ୟ ସେ ଖଲିଫା ମହୋଦୟଙ୍କ ପରାମର୍ଶ ଲୋଡୁଥିଲେ । ଉଦାହରଣ ସ୍ୱରୂପ, ମୃତ୍ୟୁର ଏକ ସପ୍ତାହ ପୂର୍ବରୁ ତାଙ୍କ ସ୍ୱାସ୍ଥ୍ୟ ଅତି ଦୁର୍ବଳ ହୋଇଯିବାରୁ ଡାକ୍ତର ତାଙ୍କୁ ହସପିଟାଲ ଯିବା ପାଇଁ କହିଲେ । କିନ୍ତୁ ସେ ଉତ୍ତର ଦେଲେ, 'ପ୍ରଥମେ ଖଲିଫାଙ୍କ ସେବାରେ ଅନୁମତି ପାଇଁ ଲେଖ, ତା'ପରେ ମୁଁ ଯିବି' ।

ବେଶାରତ ବଶୀର ସାହେବଙ୍କ ପତ୍ନୀ ଲେଖିଛନ୍ତି, 'ଓ୍ୱହାବ ସାହେବ ଶିକ୍ଷା ସଂପୂର୍ଣ୍ଣ କଲାପରେ ଜଣେ ସଫଳ ମୋବଲିଗ୍ ହୋଇ ବାହାରିଲେ । କିନ୍ତୁ ଆରମ୍ଭରୁ ସ୍ୱଭାବରେ ସେ ଅତି ବିନୟୀ ଥିଲେ । 1954ରେ ମୋର ବିବାହ ହେଲା, ମୁଁ ଦେଖିଲି ଯେ ଓ୍ୱହାବ ସାହେବ ଆମ ଘରକୁ ନିୟମିତ ରୂପେ ଆସି ମୋତେ କହନ୍ତି,'ମୌଲାନାଙ୍କ ବୁଟ୍ (ଜୋତା) ଦିଅନ୍ତୁ । ଅର୍ଥାତ୍ ବେଶାରତ ବଶୀର ସାହେବଙ୍କ ଜୋତା ହଳକ ଦିଅନ୍ତୁ, ମୁଁ ପାଲିସ୍ କରିବି' । ଏହା ଶୁଣି ମୁଁ ଘାବରା ହୋଇ ଯାଉଥିଲି ଯେ ମୋବଲିଗ ହୋଇ ବାହାରିଥିବା ଜଣେ ଯୁବକଠାରୁ ମୁଁ ଏପରି ସେବା ଗ୍ରହଣ କରବି କେମିତି ! କିନ୍ତୁ ସେ ଏହି ଜିଦ୍‌ରେ ଅଟଳ ଥିଲେ । କାରଣ ଯେଉଁ ବ୍ୟକ୍ତି ତାଙ୍କୁ ରବ୍‌ୱା ଡକାଇ ମୋବଲିଗ୍ ରୂପେ ପ୍ରସ୍ତୁତ କରାଇଲେ, ତାଙ୍କ ଅନୁଗ୍ରହ ଓ ବଦାନ୍ୟତାକୁ ସେ ଯେମିତି ହେଲେ ପରିଶୋଧ କରିବେ । ଏମିତି ତ ଓସ୍ତାଦଙ୍କ ପ୍ରତି ଶିଷ୍ୟ ହିସାବରେ ଇଜ୍ଜତର ଭାବନା ତାଙ୍କ ହୃଦୟରେ ରହିଥିଲା । ସେହିପରି ସେ ବେଶାରତ ବଶୀର ସାହେବଙ୍କ ମୃତ୍ୟୁ ପରେ ତାଙ୍କ ବିଷୟରେ ଏକ ଲେଖା ପ୍ରସ୍ତୁତ କରିଥିଲେ ।

ପୁଣି ବୋରକିନାଫାସୋ ଜମାଅତ ତାଙ୍କ ଦ୍ୱାରା ପ୍ରତିଷ୍ଠା ହେଲା । ଖିଲାଫତ୍ ଜୁବ୍‌ଲି ଜଲସା ସମୟରେ ସେଠାରୁ ସାଇକେଲ ଯୋଗେ ବାହାରିଥିବା ଦଳଙ୍କ ନିକଟକୁ ସେ ଖବର ପଠାଇଲେ ଯେ ଟମ୍ମାଲେ ଠାରେ ମୁଁ ନିଜେ ଯାଇ ତାଙ୍କୁ ଅଭିବାଦନ ଜଣାଇବି । ସତକୁ ସତ ସେ 300 ମାଇଲ ଦୀର୍ଘ ପଥ ଯାତ୍ରା କରି ନିଜର କାର୍ଯ୍ୟ ବ୍ୟସ୍ତତା ସତ୍ତ୍ୱେ ସରହଦକୁ ଯାଇ ସେମାନଙ୍କୁ ସ୍ୱାଗତ କଲେ ।

ଜଣେ ଋଷୀୟ ବଂଧୁ କାନାତ୍ ବେଗ୍ ସାହେବ କୁହନ୍ତି, '2008 ମସିହାରେ ଘାନାର ଜଲ୍‌ସା ସାଲାନା (ବାର୍ଷିକ ସମ୍ମିଳନୀ) ରେ ଯୋଗ ଦେବାର ମୋତେ ସୁଯୋଗ ମିଳିଲା । ଘାନାର ଅମୀର (ଓ୍ୱହାବ) ସାହେବଙ୍କ ନିମନ୍ତ୍ରଣ କ୍ରମେ ତାଙ୍କ ବାସଗୃହରେ ମୁଁ ତାଙ୍କୁ ସାକ୍ଷାତ କଲି । ସେ ନିଜର ଚିରାଚରିତ ଅଙ୍ଗବସ୍ତ୍ର ପରିଧାନ କରି ମୋ ସହିତ ମିଳିଲେ । ଏପରି ଛାତିରେ ଲଗାଇ ଆଲିଙ୍ଗନ କଲେ ଯେ ମୋର ପାଞ୍ଚ ଦିନ ଯାତ୍ରାର କ୍ଳାନ୍ତି ଜନିତ ଅବସାଦ ନିମିଷକ ମଧ୍ୟରେ ଦୂର ହୋଇଗଲା' । ସେ କୁହନ୍ତି, 'ମୁଁ ଯେବେ ବି ତାଙ୍କ ଫଟୋକୁ ଦେଖୁଛି, ତାଙ୍କ ହାତର ଉଷ୍ମତା ଅନୁଭବ କରୁଛି । ତାଙ୍କର ଆଉ ଏକ ବ୍ୟବହାର ମୋତେ ବହୁତ ପସନ୍ଦ ଆସିଲା, ଯେତେବେଳେ ଦେଶର ରାଷ୍ଟ୍ରପତି ତାଙ୍କ

ସହିତ ଚୌକିରେ ବସିଥିଲେ ତାଙ୍କୁ ସେ ଯେପରି ସମ୍ମାନ ଓ ଶ୍ରଦ୍ଧା ଦେଖାଇଥିଲେ, ଖରାରୁ ବଞ୍ଚିବା ପାଇଁ ବଡ ଛତା ଧରି ଛିଡା ହୋଇଥିବା କର୍ତ୍ତବ୍ୟରତ ବ୍ୟକ୍ତିଙ୍କୁ ମଧ୍ୟ ଠିକ୍ ସେହିପରି ସମ୍ମାନ ଦେଉଥିଲେ । ଉଭୟଙ୍କୁ ଗୋଟିଏ ପ୍ରକାର ପ୍ରଶ୍ନ, ଜଣ ଜଣକୁ ପଚାରି ବୁଝୁଥିଲେ, 'ଆପଣ ଥକି ପଡି ନାହାନ୍ତି ତ ? ଆପଣଙ୍କୁ ଶୋଷ ଲାଗୁ ନାହିଁ ତ ?' କି ଆଶ୍ଚର୍ଯ୍ୟ ! ଧନୀ ଦରିଦ୍ର ମଧ୍ୟରେ ଯେପରି କୌଣସି ଭେଦଭାବ ନାହିଁ, ବାଛ ବିଚାର ନାହିଁ । ଉଭୟ ଶ୍ରେଣୀର ବ୍ୟକ୍ତିଙ୍କ ପ୍ରତି ସମଦୃଷ୍ଟି ଓ ସମାନ ଧ୍ୟାନ ଦେଉଥିଲେ ସେ ।

ମଲକ୍ ମୋଜଫ୍‌ଫର ସାହେବ ଲେଖିଛନ୍ତି, 'ତାଙ୍କର ରାଜନୈତିକ ଦୃଷ୍ଟିକୋଣ ସଂପନ୍ନ ବିଚକ୍ଷଣ ପ୍ରତିଭା ମଧ୍ୟ ଅତ୍ୟନ୍ତ ପ୍ରଭାବଶାଳୀ ଥିଲା । ଏହି ଘଟଣାରୁ ତାହାର ଆଭାସ ମିଳିଥାଏ । ଥରେ ମୋଜଫ୍‌ଫର ସାହେବ ଆକ୍‌ରାରୁ ଟିମାଉ ସହରକୁ ଯାଉଥିଲେ । ରାସ୍ତାକଡରେ ବେରିକେଡ ନିର୍ମାଣ କରା ଯାଇଥିଲା । ସେଠାରେ ଖବରକାଗଜ ମଧ୍ୟ ବିକ୍ରି ହେଉଥିଲା । ସେହି ଖବରକାଗଜର ପ୍ରଥମ ପୃଷ୍ଠାରେ ୱହାବ ସାହେବଙ୍କ ଏକ ବଡ ଫଟୋ ପ୍ରକାଶିତ ହୋଇଥିବାର ଦେଖି ସ୍ଥାନୀୟ ମୋବଲ୍ଲିଗଙ୍କୁ ପଚାରିବାରୁ ସେ କହିଲେ, 'କିଛି ସପ୍ତାହ ପୂର୍ବେ ଘାନାରେ ସାଧାରଣ ନିର୍ବାଚନ ହୋଇଥିଲା । ଅଳ୍ପ ଭୋଟର ବ୍ୟବଧାନରେ ସତ୍ତାଧାରୀ ଦଳ ବିଜୟୀ ହେଲା । କିନ୍ତୁ ସରକାର ତାହା ବୈଧ ବୋଲି ମାନୁ ନାହାନ୍ତି । ସେଥିଯୋଗୁଁ ଗଣ୍ଡଗୋଳ ଓ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖା ଦେଇଥିବାରୁ ୱହାବ ସାହେବ ଉଭୟ ଦଳର ଲୋକଙ୍କ ସହିତ କଥାବାର୍ତ୍ତା କରି ଶାନ୍ତିପୂର୍ଣ୍ଣ ସମାଧାନ ତଥା ଆପୋଷ ମିଳାମିଶା ପାଇଁ ଭରପୂର ଚେଷ୍ଟା ଜାରି ରଖିଛନ୍ତି । ତାଙ୍କର ଏହି ସାଧୁ ଉଦ୍ୟମକୁ ତାଙ୍କ ଦେଶ ଭୂୟସୀ ପ୍ରଶଂସା କରୁଛନ୍ତି' ।

ପୁଣି ହଜୁର[ଅବ] କହିଲେ, 'ମୁଁ ଘାନାରେ ଥିବାବେଳେ ସେ ମୋତେ ଅନେକ ଥର ଦରଦଭରା କଣ୍ଠରେ କହୁଥିଲେ, 'ବହୁ ମୁରବି ସିଲ୍‌ସିଲା (ମୋବଲିଗ୍)ଅତ୍ୟଧିକ ପରିଶ୍ରମ କରୁଛନ୍ତି, ମାତ୍ର ଏପରି କେତେକ ଅଛନ୍ତି ଯେଉଁମାନେ ଆଦୌ କାମ କରୁନାହାନ୍ତି । କେବଳ ଉତ୍ତର ଦିଅନ୍ତି ଯେ ଏହାଠାରୁ ଆମେ ଅଧିକ କିଛି କରିପାରିବୁ ନାହି । ଅଥଚ ତବଲିଗ୍‌ର ନୂତନ ମାର୍ଗ ଖୋଲିବା ଓ ଆମକୁ ଅହମଦିୟତର ବାର୍ତ୍ତା ଆଗକୁ ପହଞ୍ଚାଇବା ଉଚିତ' । ତେବେ ତାଙ୍କର ଏହି କଥା ଶତ ପ୍ରତିଶତ ଠିକ୍ । ସୁତରାଂ ୱହାବ ସାହେବଙ୍କର ଏହି ଚେଷ୍ଟା ଅବିରତ ଥିଲା ଯେ କିପରି ମସିହଙ୍କ ବାର୍ତ୍ତା ତଥା ଇସଲାମର ବାସ୍ତବ ଶିକ୍ଷା ସବୁଠାରେ ପହଞ୍ଚିଯାଉ । ସେଥିପାଇଁ ସେ ନିଜେ ମଧ୍ୟ ସର୍ବଦା ଚେଷ୍ଟିତ ଥିଲେ ଓ ଅନ୍ୟଙ୍କୁ ଏହା କରିବା ପାଇଁ ପ୍ରବର୍ତ୍ତାଉଥିଲେ ମଧ୍ୟ ।

ତାଙ୍କର ଅନ୍ତିମ ସଂସ୍କାର ସଂପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ସଂପନ୍ନ କରାଯାଇଥିଲା । ଦେଶର ରାଷ୍ଟ୍ରପତି ମହୋଦୟ ନିଜର ଷ୍ଟେଟ୍ ହାଉସ୍‌ରେ ତାଙ୍କର ଜନାଜାଃ ଆଣି ସେହିଠାରେ ପଢାଇଲେ ଓ ଉପଯୁକ୍ତ ଶିଷ୍ଟାଚାରରେ ଅଶ୍ରୁଳ ବିଦାୟ ଦେଲେ । ଜନାଜାଃ (ଶବାଧାର)କୁ ନେବା ପାଇଁ ସରକାରଙ୍କ ତରଫରୁ ପୋଲିସ୍, ସେନାବାହିନୀ ତଥା ପାରା ମେଲେଟାରୀ ଫୋର୍ସ୍‌ର ଗାଡିଗୁଡିକର ବିଧିବଦ୍ଧ ବ୍ୟବସ୍ଥା କରାଯାଇଥିଲା । ବିଭିନ୍ନ ମନ୍ତ୍ରୀ, ରାଷ୍ଟ୍ରପତି, ଉପ-ରାଷ୍ଟ୍ରପତି ତାଙ୍କ ସମ୍ବନ୍ଧରେ ନିଜର ମତବ୍ୟକ୍ତ କରିଥିଲେ । ସେଠାରେ ଖ୍ରୀଷ୍ଟିୟାନ ତଥା ଅନ୍ୟ ଧର୍ମର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ସେମାନେ ସମସ୍ତେ ୱହାବ ସାହେବଙ୍କର ପ୍ରଶଂସାରେ ଶତମୁଖ ହୋଇ ତାଙ୍କ ଗୁଣଗାନ କରୁଥିଲେ । ଘାନା ଜାମିୟା ଅହମଦୀୟାର ପ୍ରିନ୍‌ସିପାଲ ତଥା ମିଶନାରୀ ଇନ୍‌ଚାର୍ଯ୍ୟ ମୌଲାନା ଫରୀଦ୍ ସାହେବ ଜୀବନ ଓ ମୃତ୍ୟୁ ସମ୍ବନ୍ଧୀୟ ଇସଲାମ୍‌ର ଦର୍ଶନ ଓ ଦୃଷ୍ଟିକୋଣକୁ ପବିତ୍ର କୋରାନ, ହଦିସ ତଥା ହଜରତ ମସିହ ମଉଦ[ଅ]ଙ୍କ ଦିବ୍ୟ କଥନରୁ ଉଦ୍ଧାର କରି ସେଠାରେ ଉପସ୍ଥିତ ମାନ୍ୟଗଣ ଉଚ୍ଚାଧିକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ ।

ସୁତରାଂ ସଂପୂର୍ଣ୍ଣ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ପୂର୍ବକ ସେଠାରୁ ନେଇ ତାଙ୍କ ଶବାଧାରକୁ ଘାନାସ୍ଥିତ ମୁସିୟାନଙ୍କ କବରସ୍ତାନରେ ସମାଧି ଦିଆଗଲା । ସମସ୍ତ ଗଣମାଧ୍ୟମ ଏହାର ବହୁଳ ଭାବେ Coverage ଦେଇଥିଲେ । ଘାନାର ଟେଲିଭିଜନ୍ ଷ୍ଟ୍ରିମିଙ୍ଗ୍ ଉପରେ ଉକ୍ତ ଶୋକାକୁଳ ପରିବେଶକୁ ସମଗ୍ର ଦୁନିଆରେ ପ୍ରସାରଣ କରାଗଲା । ତାଙ୍କ ପରିବାର ବର୍ଗଙ୍କ ମଧ୍ୟରେ ପତ୍ନୀ- ମରିୟମ୍ ୱହାବ ସାହେବା, ଚାରି ପୁଅ ଓ ତିନି ଝିଅ ଅଛନ୍ତି । ଅଲ୍ଲାଃତଲା ସମସ୍ତଙ୍କୁ ଖିଲାଫତ ସହିତ ଠିକ୍ ସେହିପରି ଦୃଢ ସଂପର୍କ ରଖିବା ପାଇଁ ସାମର୍ଥ୍ୟ ଦିଅନ୍ତୁ, ଯେପରି ସେ ନିଜ ପତ୍ନୀ ଓ ପୁଅ ଝିଅଙ୍କ ଠାରୁ ଆଶା କରିଛନ୍ତି । ଶୋକସନ୍ତପ୍ତ ପରିବାରକୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ । ଅଲ୍ଲାଃତାଲା ଦିବଂଗତ ୱହାବ ସାହେବଙ୍କୁ ବୈକୁଣ୍ଠର ଉଚ୍ଚ ସୋପାନରେ ସ୍ଥାନ ଅର୍ପଣ କରନ୍ତୁ, ନିଜ ପ୍ରିୟଜନଙ୍କ ସାନିଧ୍ୟରେ ରଖନ୍ତୁ । ଜୁମା ନମାଜ ପରେ ଇନ୍‌ଶାଲ୍ଲାଃ ତାଙ୍କର ଜନାଜାଃ ଗାଏବ୍ ମଧ୍ୟ ପଢିବି ।

ଓଡିଆରେ ଉପସ୍ଥାପନା: **ସମୀକ୍ଷା କମିଟି,ଓଡିଶା**
Mob : 09437684859, email : roushankhan59@gmail.com